JUST RIGHTS FOR CHILDREN

ବାଲ୍ୟ ବିବାହ ମୁକ୍ତ ଭାରତ
CHILD MARRIAGE FREE INDIA

ACCESS TO JUSTICE FOR CHILDREN

# ବାଲ୍ୟ ବିବାହ ନିଷେଧ ଆଇନ -୨୦୦୬
# ଓ
# ବାଲ୍ୟ ବିବାହ ନିଷେଧ ନିୟମାବଳୀ -୨୦୧୯
# ବିଷୟରେ କେତେକ ଜାଣିବା କଥା



Shakti Organisation
Catalysing Sustainable Development


ସଂକଳନ:

## ଶକ୍ତି ଅନୁଷ୍ଠାନ

ଜିଲ୍ଲା- ରାୟଗଡା, ଓଡିଶା- ୭୬୫୦୦୧
ଦୂରଭାଷ-୦୬୮୫୬୩୫୯୮୩୮



ସଚେତନତା ନିମନ୍ତେ ଶକ୍ତି ଅନୁଷ୍ଠାନ ଦ୍ଵାରା
ଜନହିତରେ ପ୍ରକାଶିତ ଓ ପ୍ରଚାରିତ

**ବାଲ୍ୟ ବିବାହ କାହାକୁ କୁହାଯାଏ?**

- ୧୮ ବର୍ଷରୁ କମ୍ ବୟସର ଝିଅ ଓ ୨୧ ବର୍ଷରୁ କମ ବୟସର ପୁଅ ଯଦି କାହାକୁ ବିବାହ କରନ୍ତି, ତେବେ ସେହି ବିବାହକୁ ବାଲ୍ୟ ବିବାହ କୁହାଯାଏ ।
- ଯଦି ଜଣେ ବୟସ୍କ ବ୍ୟକ୍ତି (୨୧ ବର୍ଷରୁ ଅଧିକ) ୧୮ ବର୍ଷରୁ କମ୍ ବୟସର ଝିଅକୁ ବିବାହ କରନ୍ତି କିମ୍ବା ଜଣେ ୧୮ ବର୍ଷ ବୟସରୁ ଅଧିକ ଝିଅ, ୨୧ ବର୍ଷ ପୁରଣ କରି ନଥିବା ଜଣେ ପୁଅକୁ ବିବାହ କରେ, ଏପରି ବିବାହକୁ ମଧ୍ୟ ବାଲ୍ୟ ବିବାହ କୁହାଯାଏ।

**ବାଲ୍ୟ ବିବାହ ନିଷେଧ ଆଇନ ଅନୁସାରେ ଶିଶୁ କିଏ?**

- ବାଲ୍ୟ ବିବାହ ନିଷେଧ ଆଇନ ଅନୁସାରେ ପୁଅକୁ ୨୧ ବର୍ଷ ଓ ଝିଅକୁ ୧୮ ବର୍ଷ ପୂରଣ ହୋଇ ନଥିଲେ ସେମାନଙ୍କୁ ଶିଶୁ କୁହାଯାଏ ।

**ବାଲ୍ୟ ବିବାହ ଆଇନଗତ କି ବେଆଇନ?**

- ବାଲ୍ୟ ବିବାହ ଆଇନ୍ ସମ୍ମତ ନୁହେଁ । ଆମ ଦେଶରେ ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬ କାର୍ଯ୍ୟକାରୀ ହେଉଅଛି । ଏହି ଆଇନ ଅନୁଯାୟୀ ବାଲ୍ୟ ବିବାହ ଏକ ଜାମିନ ବିହିନ ଅପରାଧ ।

**ବାଲ୍ୟ ବିବାହ ନିରାକରଣ ପାଇଁ ସରକାରୀ ସ୍ତରରେ କେଉଁ ଅଧିକାରୀମାନଙ୍କୁ କ୍ଷମତା ପ୍ରଦାନ କରାଯାଇଛି?**

- ବାଲ୍ୟ ବିବାହ ନିରାକରଣ ପାଇଁ ବ୍ଲକ ସ୍ତରରେ ସିଡିପିଓ ମାନଙ୍କୁ,ପଂଚାୟତ୍ ସ୍ଥରରେ P.E.O ମାନଙ୍କୁ ଓ ଆବାସିକ ବିଦ୍ୟାଳୟ ମାନଂକରେ ହସ୍ଟେଲ୍ ପରିଚାଳକ ମାନଂକୁ ବାଲ୍ୟ ବିବାହ ନିଷେଧ ଅଧିକାରୀ, ଜିଲା ସ୍ତରରେ ଜିଲ୍ଲାପାଳ, ନୋଡାଲ ଅଫିସର ଓ ରାଜ୍ୟସ୍ତରରେ ନିର୍ଦ୍ଦେଶକ ମହିଳା ଓ ଶିଶୁ ବିକାଶ ବିଭାଗକୁ ପ୍ରମୁଖ ବାଲ୍ୟ ବିବାହ ନିଷେଧ ଅଧିକାରୀ ଭାବେ କ୍ଷମତା ନ୍ୟସ୍ତ କରାଯାଇଅଛି ।

**ବାଲ୍ୟ ବିବାହ ହେଉଥିବାର ଜାଣିଲେ, କିଏ ଅଭିଯୋଗ କରିପାରିବ ?**

- ଯେ କୌଣସି ସଚେତନ ନାଗରିକ, ଗ୍ରାମ ପ୍ରତିନିଧି, ନିର୍ବାଚିତ ପ୍ରତିନିଧି, ବ୍ୟକ୍ତି ବିଶେଷ, ନିଜେ ପୀଡିତ/ ପୀଡ଼ିତା ଶିଶୁ ବାଲ୍ୟ ବିବାହ ଘଟିଛି କିମ୍ବା ବିବାହ ହେବାକୁ ଯାଉଛି ବୋଲି ଜାଣନ୍ତି, ତେବେ ନିସଙ୍କୋଚ ରେ ଅଭିଯୋଗ କରିପାରିବ । ମନେରଖନ୍ତୁ, ଆଇନ ଅନୁସାରେ ଖବର ଦାତାଙ୍କ ନାମ ସର୍ବଦା ଗୋପନ ରଖାଯାଏ ।

**ବାଲ୍ୟ ବିବାହ ବିଷୟରେ କାହାକୁ ରିପୋର୍ଟ କିମ୍ବା ଅଭିଯୋଗ କରିବେ ?**

- ଚାଇଲ୍ଡଲାଇନ ଦେୟମୁକ୍ତ ନମ୍ବର- ୧୦୯୮, ପୋଲିସ ଦେୟମୁକ୍ତ ନମ୍ବର- ୧୧୨, ଘଟଣା ଘଟିଥିବା ଗ୍ରାମର ଅଙ୍ଗନାବାଡି କର୍ମୀ, ଆଶା ଦିଦି, ବାଲ୍ୟ ବିବାହ ନିଷେଧ ଅଧିକାରୀ (CMPO)ଯଥା ନିଜ ବ୍ଲକ ର ସି.ଡି.ପି.ଓ., ପଞ୍ଚାୟତର ପି.ଇ.ଓ କିମ୍ବା ବିଦ୍ୟାଳୟ ହୋଇଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ/ ଶିକ୍ଷୟିତ୍ରୀଙ୍କୁ, ହଷ୍ଟେଲ ହୋଇଥିଲେ ହଷ୍ଟେଲର ୱାର୍ଡେନଙ୍କୁ, ଜିଲ୍ଲାର ଶିଶୁମଙ୍ଗଳ କମିଟି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସ୍ଥାନୀୟ କୋର୍ଟ ତଥା ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଲିଖିତ କିମ୍ବା ବାଚନିକ ମାଧ୍ୟମରେ ଅଭିଯୋଗ କରିପାରିବେ।

**ବାଲ୍ୟ ବିବାହ ନିଷେଧ ଅଧିକାରୀ ସମସ୍ତ ପଦକ୍ଷେପ ନେଇ ସାରିବା ସତ୍ୱେ ହେବାକୁ ଥିବା ବାହାଘରଟି ବନ୍ଦ କରିବାର ସମ୍ଭାବନା କମ ବୋଲି ଯଦି ଉପଲବ୍ଧି କରନ୍ତି ତେବେ କଣ କରିବେ?**

- ଉଭୟ ପକ୍ଷର ଅଭିଭାବକଙ୍କୁ ବୁଝାଇବା ପରେ ଯଦି ସେମାନେ ବିବାହଟିକୁ ବନ୍ଦ କରିବାକୁ ରାଜି ନ ହୁଅନ୍ତି, ତେବେ ବାଲ୍ୟ ବିବାହ ନିଷେଧ ଅଧିକାରୀ ତୁରନ୍ତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ଇଞ୍ଜକସନ ଅର୍ଡର ପାଇଁ ଆବେଦନ କରିବେ । ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ତରଫରୁ ଅର୍ଡର ପାଇଲା ପରେ ପୋଲିସମାନଙ୍କ ସହାୟତାରେ ବିବାହଟି ବନ୍ଦ କରାଯାଇପାରିବ ।

**ବାଲ୍ୟ ବିବାହ କଲେ କ୍ଷତି କଣ ?**

- ବାଲ୍ୟ ବିବାହ ଦ୍ୱାରା ମୁଖ୍ୟତଃ ନିମ୍ନଲିଖିତ ସମସ୍ୟା ଗୁଡିକ ଦୃଷ୍ଟିଗୋଚର ହୋଇଥାଏ, ସେଗୁଡିକ ହେଲା:

**୧. ସ୍ୱାସ୍ଥ୍ୟ ସମସ୍ୟା**

- **ଗର୍ଭଧାରଣ ଓ ସନ୍ତାନ ଜନ୍ମ କରିବାରେ ଜଟିଳତା :** ଯେହେତୁ ବାଲ୍ୟ ବିବାହ କରୁଥିବା ବାଲ୍ୟ ବଧୁମାନଙ୍କର ବୟସ କମ ହୋଇଥାଏ ତେଣୁ ସେମାନଙ୍କ ଶରୀର ଗର୍ଭଧାରଣ କରିବା ପାଇଁ ସଂପୂର୍ଣ୍ଣ ସକ୍ଷମ ହୋଇନଥାଏ । ଯଦି ବା ଗର୍ଭଧାରଣ ହୋଇଯାଏ କିନ୍ତୁ ପ୍ରସବ ସମୟରେ ସେମାନଙ୍କ ଜୀବନ ପ୍ରତି ବିପଦ ଥାଏ ଓ ସାରା ଜୀବନ ସ୍ୱାସ୍ଥ୍ୟର ଅବନତି ହୋଇଥାଏ ।
- **ମାତୃ ମୃତ୍ୟୁହାରରେ ବୃଦ୍ଧି:** ପ୍ରାପ୍ତ ବୟସ୍କା ମହିଳାଙ୍କ ତୁଳନାରେ ବାଲ୍ୟବଧୁମାନଙ୍କର ଗର୍ଭ ଧାରଣ କରିବା ସମୟରେ ଓ ପ୍ରସବ ସମୟରେ ମୃତ୍ୟୁ ବରଣ କରିବାର ସମ୍ଭାବନା ଅଧିକ ଥାଏ ।

**ଶିଶୁ ମୃତ୍ୟୁହାରରେ ବୃଦ୍ଧି:** ଅପ୍ରାପ୍ତ ବୟସ୍କା ବା ବାଲ୍ୟ ବିବାହ କରିଥିବା ମାତାଙ୍କଠାରୁ ଜନ୍ମିତ ଶିଶୁ ଅପପୁଷ୍ଟିର ଶିକାର ହୋଇଥାଏ ଯଥା ସେହି ଜନ୍ମିତ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ହୋଇନଥାଏ, ଓଜନ ମଧ୍ୟ ଅପପୁଷ୍ଟିର ଶିକାର ହୋଇଥାଏ ଯଥା ସେହି ଜନ୍ମିତ ଶିଶୁର ପୂର୍ଣ୍ଣାଙ୍ଗ ବିକାଶ ହୋଇନଥାଏ, ଓଜନ ମଧ୍ୟ କମ ହୋଇଥାଏ । ବାଲ୍ୟ ବିବାହ କରିଥିବା ମାତାର ଜନ୍ମିତ ଶିଶୁ ବେଳେବେଳେ ମାତୃସ୍ତନ ପାନରୁ ବଞ୍ଚିତ ହୋଇଥାଏ । ଯାହା ଫଳରେ ରୋଗଗ୍ରସ୍ତ ହୋଇ ମୃତ୍ୟୁ ମୁଖରେ ପଡିଥାଏ ।

- **ସ୍ୱାସ୍ଥ୍ୟଗତ ଅସୁବିଧା :** ଯେଉଁମାନେ ଅସମ୍ପୂର୍ଣ୍ଣ ବିକଶିତ ଅବସ୍ଥାରେ ସନ୍ତାନ ଜନ୍ମ ଦେଇଥାନ୍ତି, ସେମାନେ ବିଭିନ୍ନ ପ୍ରକାରର ସ୍ୱାସ୍ଥ୍ୟଗତ ଜଟିଳତାର ସମ୍ମୁଖୀନ ହୁଅନ୍ତି ।
  **ମାନସିକ ସ୍ୱାସ୍ଥ୍ୟ :** ବାଲ୍ୟବଧୂମାନେ ସାଧାରଣତଃ ମାନସିକ ଚାପର ବଶବର୍ତ୍ତୀ ହୋଇଥାନ୍ତି।

**୨. ସାମାଜିକ ଜଟିଳତା**

- **ଦାରିଦ୍ର୍ୟତା :** ଅଧିକାଂଶ କ୍ଷେତ୍ରରେ ବାଲ୍ୟବଧୂମାନେ ସାଧାରଣତଃ ଗରିବ ଶ୍ରେଣୀର ଓ ସେମାନଙ୍କ ଶିକ୍ଷାଗତ ଯୋଗ୍ୟତା ସୁଦୃଢ଼ ନଥିବାରୁ ସେମାନେ ଦାରିଦ୍ର୍ୟରୁ ମୁକୁଳିବା କଷ୍ଟ ସାଧ୍ୟ ହୋଇଥାଏ ।
- **ନିରକ୍ଷରତା :** ସାଧାରଣତଃ ବାଲ୍ୟବଧୂମାନଙ୍କର ସ୍କୁଲ ଯିବା ବନ୍ଦ କରିଦିଆଯାଇଥାଏ ଓ ସେମାନଙ୍କୁ ଜାଣିଶୁଣି ପାଠ ପଢିବାରୁ ବଞ୍ଚିତ କରାଯାଇଥାଏ ।
- **ଦୁର୍ବ୍ୟବହାର ଓ ହିଂସା :** ବାଲ୍ୟବଧୂମାନେ ଘରୋଇ ହିଂସାର ଶିକାର ହୋଇଥାନ୍ତି ଓ ସେମାନଙ୍କୁ ଦୁର୍ବ୍ୟବହାରର ଶିକାର ହେବାକୁ ପଡିଥାଏ ।
- **ସ୍ୱାମୀଠାରୁ ପରିତ୍ୟକ୍ତା ହୋଇ ରହିବା:** ଦେଖାଯାଏ ଯେତେବେଳେ ବାଲ୍ୟବଧୂମାନେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରନ୍ତି ସେତେବେଳେ ସେ ସ୍ୱାମୀ ପରିତ୍ୟକ୍ତା ହୋଇଥାନ୍ତି । ବୟସର ତାରତମ୍ୟ ଅଧିକ ହୋଇଥିବାରୁ ସ୍ୱାମୀଠାରୁ ମାନସିକ ଓ ଶାରୀରିକ ଅତ୍ୟାଚାର ସହିବାକୁ ପଡିଥାଏ ।

**୩. ଯୌନରୋଗ ସମସ୍ୟା**

- ବାଲ୍ୟ ବିବାହ କରୁଥିବା ଝିଅର ଗର୍ଭ ସଞ୍ଚାର କରିବା ସମ୍ଭାବନା ଅଧିକ କିନ୍ତୁ ଗର୍ଭ ଧାରଣ ଧରି ରଖିବା କ୍ଷମତା କମ୍ ରହିଥାଏ ।
- ତେଣୁ ଗର୍ଭପାତ ହେବା ସମ୍ଭାବନା ଅଧିକ ଥାଏ, ଯାହାଦ୍ୱାରା ବାରମ୍ବାର ଗର୍ଭପାତ ଦ୍ୱାରା ମାତୃତ୍ୱ ନଷ୍ଟ ହୋଇଥାଏ । ଯୌନାଙ୍ଗ ସଂକ୍ରମଣ ହେବାର ସମ୍ଭାବନା ଥାଏ, ଚର୍ମ ସମସ୍ୟା ବା ଚର୍ମ ରୋଗ ଦେଖାଦିଏ, ପ୍ରଜନନ ଗତ ସଂକ୍ରମଣ ଓ ଋତୁସ୍ରାବ ସମସ୍ୟା ଉପୁଜେ ।

**ବାଲ୍ୟ ବିବାହ ନିଷେଧ ଅଧିନିୟମ ୨୦୦୬ ର ଆଭିମୁଖ୍ୟ**

- ନିବାରଣ (Prevention)
- ସଂଗଠିତ ହୋଇଥିବା ବାଲ୍ୟ ବିବାହରେ ପ୍ରଭାବିତ ହୋଇଥିବା ଶିଶୁକୁ ସୁରକ୍ଷା । (Protection)
- ବାଲ୍ୟ ବିବାହ ଅପରାଧରେ ସଂଶ୍ଳିଷ୍ଟ ବ୍ୟକ୍ତି ବିଶେଷଙ୍କୁ ଦଣ୍ଡ ପ୍ରଦାନ କରିବା । (Prosecution)
- ବାଲ୍ୟ ବିବାହ ଅପରାଧରେ ସଂଶ୍ଳିଷ୍ଟ ଶିଶୁର ଥଇଥାନ ।(Rehabilitation)

**ଦଣ୍ଡ ବ୍ୟବସ୍ଥା (Provision of Punishment)**

ଦୁଇବର୍ଷ ସଶ୍ରମ କାରାଦଣ୍ଡ, ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ।
(Section-9 & 13(10) of the PCM Act-2006)

**କିଏ ଦଣ୍ଡ ପାଇବେ (Provision of Punishment)**

- ବାଲ୍ୟ ବିବାହ କରାଉଥିବା, ପ୍ରବର୍ତ୍ତାଉଥିବା ବା ବିବାହରେ ଅଂଶ ଗ୍ରହଣ କରୁଥିବା ସମସ୍ତ ବ୍ୟକ୍ତିଙ୍କୁ ଏଥିରେ ଦଣ୍ଡ ଦିଆଯାଇ ପାରିବ । ଯେକୌଣସି ବ୍ୟକ୍ତି ଯିଏକି ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ବାଲ୍ୟ ବିବାହକୁ ସମ୍ପାଦନ କରିଥିବେ ବା ପ୍ରୋତ୍ସାହନ ଦେଇଥିବେ ସେମାନେ ମଧ୍ୟ ଦଣ୍ଡିତ ହେବେ ।
- ୨୧ବର୍ଷରୁ ଉର୍ଦ୍ଧ୍ୱ ଜଣେ ପୁଅ ଯଦି ୧୮ ବର୍ଷ ପୂରଣ କରିନଥିବା ଜଣେ କନ୍ୟାକୁ ବିବାହ କରିଥିବ ।
- ଯେଉଁ ବ୍ୟକ୍ତିଙ୍କ ତତ୍ତ୍ୱାବଧାନରେ ବାଲ୍ୟ ବିବାହିତ ଶିଶୁଟି ଥିବ, ଯଥା - ପିତାମାତା, ଅଭିଭାବକ, ବନ୍ଧୁବାନ୍ଧବ, ପାଖ ପଡୋଶୀ କିମ୍ବା କୌଣସି ଅନୁଷ୍ଠାନର ସଦସ୍ୟ- ସମସ୍ତେ ଦଣ୍ଡିତ ହେବେ ।
- **କେଉଁ ପରିସ୍ଥିତିରେ ବାଲ୍ୟ ବିବାହକୁ ଅସିଦ୍ଧ ଘୋଷଣା କରାଯିବ**
- (Section-12 & 14 of the PCM Act-2006)
- ଧାରା ୧୩ ଅନୁସାରେ ଅଦାଲତର ନିଷେଧାଦେଶ ଥିବା ସତ୍ତ୍ୱେ ଯଦି ବାଲ୍ୟ ବିବାହ ସମ୍ପନ୍ନ ହୋଇଥିବ ।
- ଭୟ, ପ୍ରଲୋଭନ ଏବଂ ଛଳନା ମାଧ୍ୟମରେ ଶିଶୁକୁ ତାର ଅଭିଭାବକ ପାଖରୁ ନିଆଯାଇ ବିବାହ କରାଯାଇଥିବ ।
- ବିବାହ ମାଧ୍ୟମରେ କିମ୍ବା ବିବାହ ଉଦ୍ଦେଶ୍ୟରେ ଶିଶୁକୁ ବିକ୍ରି କିମ୍ବା ଚାଲାଣ କରାଯାଇଥିବ ।
- ଯଦି ବିବାହ ହୋଇ ସାରିଥିବ ଓ ବିବାହ ସମୟରେ ଯିଏ ଶିଶୁ ଥିବ ସେ ଯଦି ଚାହିଁବେ ବାଲ୍ୟ ବିବାହ ନିଷେଧ ଅଧିକାରୀଙ୍କ ନିକଟକୁ ଆସି ନିଜର ବିବାହକୁ ଅସିଦ୍ଧ ଘୋଷଣା ଆବେଦନ କରିବେ କିମ୍ବା ନିଜେ

ସିଧାସଳଖ ଜିଲା ନ୍ୟାୟଳୟରେ ଆବେଦନ କରିବେ ତେବେ ନ୍ୟାୟାଳୟ ବିଚାର କରି ବିବାହଟିକୁ ଅସିଦ୍ଧ ଘୋଷଣା କରିବେ । କାହାରି ଠାରୁ ଅଭିଯୋଗ ନ ଆସିଲେ ମଧ୍ୟ ବାଲ୍ୟ ବିବାହ ନିଷେଧ ଅଧିକାରୀ ତଦନ୍ତ କରି ବିବାହ ହୋଇସାରିଥିବା ଜାଣିଲେ ଉଭୟ ବର ଓ କନ୍ୟା ପକ୍ଷର ପରିବାରଙ୍କ ବିରୁଦ୍ଧରେ ପୋଲିସ ଥାନାରେ କେସ୍ କରିପାରିବେ ।

**କେତେଦିନ ମଧ୍ୟରେ ବାଲ୍ୟ ବିବାହକୁ ଅସିଦ୍ଧ ଘୋଷଣା କରିବା ପାଇଁ ଅଭିଯୋଗ କରାଯାଇ ପାରିବ ?**

- ବିବାହର ଦୁଇ ବର୍ଷ ମଧ୍ୟରେ ଅର୍ଥାତ ଝିଅକୁ ୨୦ ବର୍ଷ ପୂରିବା ଆଗରୁ ଓ ପୁଅକୁ ୨୩ ବର୍ଷ ପୂରିବା ଆଗରୁ । ଯିଏ ଅଭିଯୋଗ କରିବେ ସେ ନିଜେ ବିବାହ ସମୟରେ ଶିଶୁ ହୋଇଥିବା ଆବଶ୍ୟକ ।

**ଭରଣ ପୋଷଣ ଓ ତତ୍ତ୍ୱାବଧାନ**

- ବାଲ୍ୟ ବିବାହ କ୍ଷେତ୍ରରେ ବିବାହିତା ଝିଅର ଅଭିଯୋଗକୁ ଭିତ୍ତି କରି କୋର୍ଟରେ ଶୁଣାଣି ଚାଲିଥିବା ସମୟରେ ବା ବିବାହ ଅସିଦ୍ଧ ଘୋଷଣା ହେବା ପରେ ଯଦି କୌଣସି ଶିଶୁ ସନ୍ତାନ ଗର୍ଭରେ ଥାଏ କିମ୍ବା ଜନ୍ମ ହୋଇ ଯାଇଥାଏ, ତେବେ ମା ଓ ଶିଶୁ ଉଭୟଙ୍କର ଭରଣ ପୋଷଣ ଦାୟିତ୍ୱ- ତାକୁ ବିବାହ କରିଥିବା ପୁଅର କିମ୍ବା ଯଦି ପୁଅ ଜଣକ ୨୧ ବର୍ଷ ବୟସରୁ କମ ହୋଇଥାଏ- ତେବେ ପୁଅ ପରିବାର ମୁଖ୍ୟଙ୍କର ଦାୟିତ୍ୱ । ସେହି ଝିଅ ଜଣକ ପ୍ରାପ୍ତ ବୟସ୍କ ହୋଇ ପୁନଃ ବିବାହ କରିବା ପର୍ଯ୍ୟନ୍ତ ତାର ଭରଣ ପୋଷଣ ଦାୟିତ୍ୱ ସେହି ବିବାହିତ ପୁଅ ବା ତାର ଅଭିଭାବକ ନେବେ । ବାଲ୍ୟ ବିବାହ ଦ୍ୱାରା ଜନ୍ମିତ ଶିଶୁ ମଧ୍ୟ ଭରଣ ପୋଷଣ ତତ୍ତ୍ୱାବଧାନ ପାଇବା ସହିତ ଏକ ବୈଧ ଶିଶୁର ମର୍ଯ୍ୟାଦା ପାଇବ ।

### ବାଲ୍ୟ ବିବାହ ନିଷେଧ ଆଇନ ଭଳି ଶିଶୁ ସୁରକ୍ଷା ପାଇଁ ଆଉ କେତେକ ଆଇନ

**ଶିଶୁ ଯୌନ ଶୋଷଣ**

- ଶିଶୁ ଯୌନ ଶୋଷଣ ବା ଯୌନ ନିର୍ଯ୍ୟାତନା ଜଘନ୍ୟ ଅପରାଧ ।
- ଶିଶୁମାନଙ୍କୁ ଯୌନ ଅପରାଧର ସୁରକ୍ଷା ଅଧିନିୟମ (ପୋକ୍ସୋ) ୨୦୧୨ ପ୍ରଚଳିତ ହେଉଅଛି ।
- ଶିଶୁମାନଙ୍କୁ ପ୍ରତି ଯୌନ ଅପରାଧ ଯଥା ଯୌନ ଉତ୍ପିଡନ, ଯୌନ ଶୋଷଣ, ଯୌନ ସମ୍ପର୍କ, ଅଶ୍ଳୀଳ ଇଙ୍ଗିତ ଏବଂ ଅଶ୍ଳୀଳ ଚିତ୍ର ପ୍ରଦର୍ଶନ ଏକ ଧର୍ତ୍ତବ୍ୟ ଓ ଜାମିନ୍ ବିହୀନ ଅପରାଧ ।
- ଯୌନ ଅପରାଧ ସମ୍ପର୍କିତ ସୂଚନା ଜାଣି ଚୁପ ରହିବା ମଧ୍ୟ ଏକ ଦଣ୍ଡନୀୟ ଅପରାଧ ।
- ଶିଶୁ ଯୌନ ଅପରାଧ ମାମଲା ସ୍ୱତନ୍ତ୍ର ଅଦାଲତରେ ତ୍ୱରିତ ଭାବେ ବିଚାର କରିଯାଏ ।
- ଯୌନ ଶୋଷଣରେ ପୀଡିତା/ ପୀଡିତ ଶିଶୁର ସୁରକ୍ଷା ପାଇଁ କ୍ଷତି ପୂରଣ, ସହାୟକ ବ୍ୟକ୍ତି, ଜରୁରୀ ସ୍ୱାସ୍ଥ୍ୟ ଚିକିତ୍ସା ଓ ଆନୁଷ୍ଠାନିକ ଯତ୍ନ ଇତ୍ୟାଦି ଯୋଗାଇ ଦିଆଯିବାର ବ୍ୟବସ୍ଥା ଅଛି ।

**ଶିଶୁ ଚାଲାଣ**

- ଶିଶୁ ଚାଲାଣ ଏକ ଅସାମ୍ବିଧାନିକ, ଅନୈତିକ ଓ ଆଇନ ଅସଙ୍ଗତ ବିଷୟ ।
- ଶିଶୁ ଚାଲାଣ ଏକ ମାଧ୍ୟମ ଓ ପ୍ରକ୍ରିୟା ଯାହାଦ୍ୱାରା ଶିଶୁ ବିଭିନ୍ନ ଶୋଷଣ ଓ ଅପରାଧର ଶିକାର ହୋଇଥାଏ ଯଥା ଶିଶୁ ଶ୍ରମିକ, ଦାଦନ ଶ୍ରମିକ, ଗୋତି ଶ୍ରମିକ, ଯୌନ ଶୋଷଣ, ବାଲ୍ୟବିବାହ ଓ ଅଙ୍ଗ ବିକ୍ରୟ ଇତ୍ୟାଦି ।
- ଶିଶୁ ଚାଲାଣ ନିରାକରଣ ଓ ପ୍ରତିକାର ପାଇଁ ଅନୈତିକ ମାନବ ଚାଲାଣ ପ୍ରତିଷେଧକ ଅଧିନିୟମ ୧୯୫୬, ଭାରତୀୟ ପିଙ୍ଗଳକୋଡ୍ ଧାରା ୩୭୦ (କ) ଓ କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଆଇନ୍ ୨୦୧୫ରେ ବ୍ୟବସ୍ଥା ରହିଅଛି ।
- ଶିଶୁ ଚାଲାଣ ଏକ ଧର୍ତ୍ତବ୍ୟ ଓ ଦଣ୍ଡନୀୟ ଅପରାଧ । ଏଥିରେ ସମ୍ପୃକ୍ତ ଅପରାଧୀଙ୍କୁ ୭ ରୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଓ ଆର୍ଥିକ ଜୋରିମାନାର ବ୍ୟବସ୍ଥା ଅଛି ।

**ଶିଶୁ ଶ୍ରମିକ**

- ଭାରତ ସମ୍ବିଧାନରେ ଶିଶୁ ଶ୍ରମକୁ ନିଷେଧ କରାଯାଇଅଛି ।
- ଏହାର ନିରାକରଣ ପାଇଁ ଶିଶୁ ଓ କିଶୋର ଶ୍ରମିକ ନିଷେଧ ନିୟନ୍ତ୍ରଣ ଅଧିନିୟମ ୨୦୧୬, କିଶୋର ନ୍ୟାୟ (ଯତ୍ନ ଓ ସୁରକ୍ଷା) ଅଧିନିୟମ ୨୦୧୫ ଧାରା ୭୯ରେ ବ୍ୟବସ୍ଥା ଅଛି ।
- ଶିଶୁ ଶ୍ରମିକ ନିୟୋଜନ ଏକ ଧର୍ତ୍ତବ୍ୟ ଓ ଦଣ୍ଡନୀୟ ଅପରାଧ ।
- ଆଇନ ଅନୁଯାୟୀ ୧୪ବର୍ଷ ସମ୍ପୂର୍ଣ୍ଣ କରି ନଥିବା ଶିଶୁ କୌଣସି ଶ୍ରମରେ ନିୟୋଜିତ ହୋଇପାରିବ ନାହିଁ ।
- ଶିଶୁ ଶ୍ରମିକ ନିଯୁକ୍ତି ଦେଉଥିବା ବ୍ୟକ୍ତିଙ୍କୁ ସର୍ବାଧିକ ୩ ବର୍ଷ ଜେଲ ଦଣ୍ଡ ଓ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ଦଣ୍ଡରେ ଦଣ୍ଡିତ ହେବାର ବ୍ୟବସ୍ଥା ଅଛି ।